# NATIONAL NEWS BULLETIN (ODIA)
## 16 December - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ରାଜ୍ୟସଭାରେ ବିତର୍କ ଆରମ୍ଭ ।
- ରାଜସ୍ଥାନର ଜୟପୁର ଠାରେ ଆସନ୍ତାକାଲି ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଦେଶରେ ୬୬୯ଟି ପ୍ରଦୂଷଣକାରୀ ଶିଳ୍ପ ବନ୍ଦ କରାଯାଇଥିବା ଲୋକସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।
- ଭାରତ ସ୍ୱାର୍ଥ ବିରୋଧୀ କୌଣସି କାର୍ଯ୍ୟରେ ଜଡ଼ିତ ରହିବ ନାହିଁ ଶ୍ରୀଲଙ୍କା – କହିଲେ ଶ୍ରୀଲଙ୍କା ରାଷ୍ଟ୍ରପତି ।

ଏବଂ

- ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପ୍ରଥମ ଅତିରିକ୍ତ ଅନୁଦାନ ଦାବି ଉପରେ ଲୋକସଭାରେ ଆଲୋଚନା ଆରମ୍ଭ ।

# ଆର୍‌ଏସ୍ କନ୍‌ଷ୍ଟିଚ୍ୟୁସନ୍

ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ରାଜ୍ୟସଭାରେ ବିତର୍କ ଆରମ୍ଭ ହୋଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶାସକ ଦଳର ନେତୃତ୍ୱ ନେଇ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ସମ୍ବିଧାନ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଆଲୋଚନା ଆରମ୍ଭ କରି ସେ କହିଥିଲେ, ପ୍ରସିଦ୍ଧ ଗୀତିକାର ମଜରୁହ ସୁଲତାନପୁରୀ ଏବଂ ଅଭିନେତା ବଲରାଜ ସାହାଣୀଙ୍କୁ ୧୯୪୯ରେ ଏହି ନିୟମକୁ ସମାଲୋଚନା କରିଥିବାରୁ ଜେଲ୍ ଯିବାକୁ ପଡ଼ିଥିଲା । କଂଗ୍ରେସକୁ ଲକ୍ଷ୍ୟ କରି ଶ୍ରୀମତୀ ସୀତାରମଣ କଂଗ୍ରେସ ଶାସନ କାଳରେ ଯେଉଁସବୁ ଚଳଚ୍ଚିତ୍ର ଓ ପୁସ୍ତକ ଗୁଡ଼ିକୁ ପ୍ରତିବନ୍ଧିତ କରାଯାଇଥିଲା, ତାହାର ସୂଚି ଉପସ୍ଥାପନ କରିଥିଲେ । ସେ କହିଥିଲେ ଗୋଟିଏ ପରିବାରକୁ ସାହାଯ୍ୟ କରିବା ଏବଂ କ୍ଷମତାରେ ଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ କଂଗ୍ରେସ ସମ୍ବିଧାନରେ ଅନେକ ସଂଶୋଧନ କରିଛି । ଏପରିକି ଜରୁରୀକାଳୀନ ପରିସ୍ଥିତି ସମୟରେ କୌଣସି କାରଣ ନଥାଇ ଲୋକସଭାର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା ଏବଂ ବିରୋଧୀଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା ।

ଏହି ଅବସରରେ ଶ୍ରୀମତୀ ସୀତାରମଣ ସମ୍ବିଧାନ ସଭାର ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ୧୫ ଜଣ ମହିଳା ସଦସ୍ୟଙ୍କୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥିଲେ ।

ସେ କହିଥିଲେ, ପବିତ୍ର ସମ୍ବିଧାନରେ ଥିବା ଭାବନାକୁ ବଜାୟ ରଖିବା ପାଇଁ ଭାରତ ଗଠନ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇବାର ସମୟ ଆସିଛି । ସେ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୫୦ରୁ ଅଧିକ ଦେଶ ସ୍ୱାଧୀନ ହୋଇଥିଲେ ଏବଂ ତାହାପରେ ସେହିସବୁ ଦେଶଗୁଡ଼ିକର ସମ୍ବିଧାନ ଲେଖା ଯାଇଥିଲା । ଅନେକ ଦେଶ ନିଜ ସମ୍ବିଧାନକୁ ବଦଳାଇଛନ୍ତି ଏବଂ ସମ୍ବିଧାନର ସମଗ୍ର ବୈଶିଷ୍ଟ୍ୟକୁ ପରିବର୍ତ୍ତନ କରିଛନ୍ତି । ତେବେ ଭାରତର ସମ୍ବିଧାନ ସୁଦୃଢ଼ ରହିଛି ଏବଂ ସମୟ ସହିତ ତାଳଦେଇ ଅଗ୍ରସର ହେଉଛି ।

ଶ୍ରୀମତୀ ସୀତାରମଣ ଏହି ବିତର୍କ କାଳରେ ମହିଳା ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ସେ କହିଥିଲେ, ତତ୍‌କାଳୀନ ରାଜୀବ ଗାନ୍ଧୀ ସରକାର ବହୁମତ ଥିବା ସତ୍ତ୍ୱେ ମହିଳା ସଂରକ୍ଷଣ ବିଲ୍ ଉପସ୍ଥାପନ କରିନଥିଲେ । କିନ୍ତୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କୁ ସଂରକ୍ଷଣ ଦେବା ଉଦ୍ଦେଶ୍ୟରେ ଆଇନ ପାରିତ କରିଥିଲେ । ବିଜେପି ସରକାର ସମ୍ବିଧାନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ

ସୀତାରମଣ କହିଛନ୍ତି । ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ସେ କହିଥିଲେ ।

ବିତର୍କରେ ଭାଗ ନେଇ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସରକାର ସମ୍ବିଧାନକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରିଥିଲେ । ସେ କହିଥିଲେ, କଂଗ୍ରେସ ହିଁ ସମସ୍ତଙ୍କୁ ଭୋଟ ଦେବାର ସାର୍ବଜନୀନ ଅଧିକାର ପ୍ରଦାନ କରିଛି । ନିଯୁକ୍ତି ପ୍ରସଙ୍ଗରେ ଶ୍ରୀ ଖଡ଼ଗେ କହିଛନ୍ତି, କେନ୍ଦ୍ର ସରକାର ପ୍ରତ୍ୟେକ ବର୍ଷ ୨ କୋଟି ନିଯୁକ୍ତି ଦେବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି ।  ଆଲୋଚନାରେ ଭାଗ ନେଇ ଏ.ଆଇ.ଟି.ସି.ର ସାକେତ ଗୋଖଲେ କହିଛନ୍ତି, ଭାରତୀୟ ସମ୍ବିଧାନ ଦେଶର ଲୋକଙ୍କୁ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟ ପ୍ରଦାନ କରିଛି । ସଂଖ୍ୟା ଲଘୁଙ୍କ ଉପରେ ଅତ୍ୟାଚାର କରାଯାଉଛି ବୋଲି ଅଭିଯୋଗ କରି ସେ ସାମାଜିକ ନ୍ୟାୟ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ଡି.ଏମ୍.କେ.ର ତିରୁଚି ଶିବା ଭାରତୀୟ ସମ୍ବିଧାନକୁ ଅନନ୍ୟ ଏବଂ ସ୍ଥାୟି ଦସ୍ତାବିଜ୍ ବୋଲି କହିଛନ୍ତି । ସେ କହିଛନ୍ତି, ଆମ ସମ୍ବିଧାନ ଦେଶରେ ସମାନତା ଓ ନିରପେକ୍ଷତାର ମୂଲ୍ୟବୋଧ ବଜାୟ ରଖି ଧର୍ମ ଏବଂ ସଂସ୍କୃତିର ବିବିଧତାକୁ ସମ୍ମାନ ପ୍ରଦାନ କରିଛି ।

ୱାଇ.ଏସ୍.ଆର୍.ସି.ପି.ର' ଭି. ବିଜୟ ସାଇ ରେଡ୍ଡୀ କହିଛନ୍ତି, ଭାରତୀୟ ସମ୍ବିଧାନ ଦେଶର ସାଧାରଣ ନାଗରୀକଙ୍କ ପାଇଁ ଆଶାର କୀରଣ ପାଲଟିଛି । ଏହା ବ୍ୟକ୍ତିଙ୍କୁ ଉତ୍ତରଦାୟିତ୍ୱ ଦାବି କରିବା, ଆଇନ୍

ଆଗରେ ସମାନତା ସୁନିଶ୍ଚିତ କରିବା ଏବଂ ଭିନ୍ନ ମତର ଅଧିକାରକୁ ବଜାୟ ରଖିବାର କ୍ଷମତା ପ୍ରଦାନ କରିଛି ବୋଲି ସେ କହିଛନ୍ତି ।

କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ଭାରତ ହେଉଛି ଗଣତନ୍ତ୍ରର ଜନନୀ ଏବଂ ବିଂଶ ଓ ଏକବିଂଶ ଶତାବ୍ଦୀର ଏହା ସର୍ବବୃହତ ଓ ବିବିଧ ଗଣତନ୍ତ୍ର ଭାବରେ ସ୍ମରଣୀୟ ହୋଇ ରହିବ ।

## ପିଏମ୍-ରାଜସ୍ଥାନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ରାଜସ୍ଥାନ ଗସ୍ତରେ ଯିବେ । ସେଠାରେ ସେ ରାଜସ୍ଥାନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶକ୍ତି, ସଡ଼କ, ରେଳ ଏବଂ ଜଳ ସମ୍ବନ୍ଧୀୟ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ରାଜସ୍ଥାନର ଜୟପୁର ଠାରେ ଏହିସବୁ ପ୍ରକଳ୍ପ ଗୁଡ଼ିକ ପାଇଁ ୪୬ ହଜାର ୩୦୦ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ଶ୍ରୀ ମୋଦୀ କେନ୍ଦ୍ର ସରକାରଙ୍କ ୭ଟି ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ୨ଟି ପ୍ରକଳ୍ପ ସମେତ ୧୧ ହଜାର କୋଟିରୁ ଅଧିକ ଟଙ୍କାର ୯ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିବେ । ସେହିପରି ୩୫ ହଜାର ୩୦୦ କୋଟି ଟଙ୍କାରୁ ଅଧିକ

ବ୍ୟୟବରାଦ ହୋଇଥିବା ୯ଟି କେନ୍ଦ୍ରୀୟ ପ୍ରକଳ୍ପ ଓ ୬ଟି ରାଜ୍ୟ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିବେ ।

ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ନବନେରା ବ୍ୟାରେଜ, ସ୍ମାର୍ଟ୍ ଇଲେକ୍ଟ୍ରିସିଟି ଟ୍ରାନ୍ସମିଶନ୍ ନେଟ୍‌ୱାର୍କ ଏବଂ ଆସେଟ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ପ୍ରୋଜେକ୍ଟ, ରେଳ ବିଦ୍ୟୁତିକରଣ ପ୍ରୋଜେକ୍ଟ ରହିଛି । ପ୍ରଧାନମନ୍ତ୍ରୀ ରାମଗଡ଼ ବ୍ୟାରେଜ୍, ମହଲାପୁର ବ୍ୟାରେଜ୍, ବିଶାଲପୁର ଓ ଇସରାଦା ଡ୍ୟାମ୍‌ର ଶିଳାନ୍ୟାସ କରିବେ ।

## ଏଲ୍‌ଏସ୍-ରିଭର ପଲ୍ୟୁସନ୍

ଦେଶରେ ୩ ହଜାର ୫୧୯ଟି ପ୍ରଦୂଷଣକାରୀ ଶିଳ୍ପ ଚିହ୍ନଟ କରାଯାଇଥିବା କେନ୍ଦ୍ର ସରକାର ସୂଚନା ଦେଇଛନ୍ତି । ଆଜି ଲୋକସଭାରେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ବିଭିନ୍ନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍ ଏବଂ ପ୍ରଦୂଷଣ ନିୟନ୍ତ୍ରଣ କମିଟି ଦ୍ୱାରା ଏହି ଶିଳ୍ପ ଗୁଡ଼ିକ ଚିହ୍ନଟ ହୋଇଛି । ସେ କହିଛନ୍ତି, କାର୍ଯ୍ୟାନୁଷ୍ଠାନ ପରେ ୬୬୯ଟି ପ୍ରଦୂଷଣକାରୀ ଶିଳ୍ପ ବନ୍ଦ କରିଦିଆଯାଇଥିବା ବେଳେ ୨ହଜାର ୮୫୦ଟି ଶିଳ୍ପ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଛି । ଅନ୍ୟ ପକ୍ଷରେ ୧୦୪ଟି ପ୍ରଦୂଷଣକାରୀ ଶିଳ୍ପ ପରିବେଶ ମାନଦଣ୍ଡ ଅନୁଯାୟୀ କାର୍ଯ୍ୟ କରୁନଥିବା ଚିହ୍ନଟ କରାଯାଇଛି । ଶ୍ରୀ ଯାଦବ କହିଛନ୍ତି, ପରିବେଶ ମାନକ

ପାଳନ କରୁନଥିବା ୩୦ଟି ଶିଳ୍ପାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ୭୩ଟି ଶିଳ୍ପକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଦେଶରେ ୪ ହଜାର ୭୩୬ଟି ଜଳୀୟ ସ୍ଥାନରେ ଜଳର ଗୁଣବତ୍ତା ଉପରେ ନଜର ରଖାଯାଇଥିବା ବେଳେ ଜାତୀୟ ଜଳ ଗୁଣବତ୍ତା ନିରୀକ୍ଷଣ କାର୍ଯ୍ୟକ୍ଷମ ଅଧୀନରେ ୬୪୫ଟି ନଦୀର ଜଳ ଗୁଣବତ୍ତା ତଦାରଖ କରାଯାଉଛି । ଶ୍ରୀ ଯାଦବ କହିଛନ୍ତି, ଜଳ ଗୁଣବତ୍ତା ତଦାରଖ ପାଇଁ ୨୦୨୩-୨୪ ବର୍ଷରେ କେନ୍ଦ୍ରୀୟ ଯୋଜନା ଅଧୀନରେ ରାଜ୍ୟ ଗୁଡ଼ିକୁ ୨୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅଧୀନରେ ଜଳ ବିଶୋଧନ ପାଇଁ ୩୨ ହଜାର ୫୧୩ କୋଟି ଟଙ୍କା ବ୍ୟୟରେ ୨୦୩ଟି ସ୍ୱରେଜ ଭିତ୍ତିଭୂମି ପ୍ରକଳ୍ପ ମଞ୍ଜୁର କରାଯାଇଥିବା ସେ କହିଛନ୍ତି । ଦୈନିକ ୬ ହଜାର ୨୫୫ ନିୟୁତ ଲିଟର ଜଳ ବିଶୋଧନ ଲାଗି ଏହି ବ୍ୟବସ୍ଥା କରାଯାଇଛି ।

## ପ୍ରେଜ୍ ଶ୍ରୀଲଙ୍କା-ଇଣ୍ଡିଆ

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆଜି ଟିକସ ଛାଡ଼ ଏବଂ ରାଜକୋଷ ସମ୍ବନ୍ଧୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରେ ଶ୍ରୀଲଙ୍କାର ପ୍ରଶାସନିକ କର୍ମଚାରୀଙ୍କୁ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଆୟୋଜନ ସମ୍ପର୍କିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶା ନାୟକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିବା ପରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପରେ ଶ୍ରୀ ମୋଦୀ କହିଥିଲେ, ଭାରତ ଏ ପର୍ଯ୍ୟନ୍ତ ଶ୍ରୀଲଙ୍କାକୁ ୫ ବିଲିୟନ୍ ଡଲାର୍ ଅନୁଦାନ ପ୍ରଦାନ କରିଥିବା ବେଳେ ଲାଇନ୍ ଅଫ୍ କ୍ରେଡିଟ୍ ପ୍ରଦାନ କରିଛି । ଶ୍ରୀଲଙ୍କା ରାଷ୍ଟ୍ରପତି କହିଥିଲେ, ଭାରତର ସ୍ୱାର୍ଥ ବିରୋଧୀ କୌଣସି କାର୍ଯ୍ୟରେ ଶ୍ରୀଲଙ୍କା ଜଡ଼ିତ ରହିବ ନାହିଁ । ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ଦିଶା ନାୟକେ କହିଛନ୍ତି ।

## ଏଲ୍ଏସ୍-ଡିମାଣ୍ଡସ୍ ଅଫ୍ ଗ୍ରାଣ୍ଟସ୍

୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଅତିରିକ୍ତ ଅନୁଦାନ ଦାବିର ପ୍ରଥମ ପର୍ଯ୍ୟାୟ ଉପରେ ଲୋକସଭାରେ ଆଲୋଚନା ଆରମ୍ଭ ହୋଇଛି । କେନ୍ଦ୍ର ସରକାର ୮୭ ହଜାର ୭୬୨ କୋଟିରୁ ଅଧିକ ଟଙ୍କାର ଅତିରିକ୍ତ ବ୍ୟୟବରାଦ ପାଇଁ ସଂସଦର ଅନୁମୋଦନ ଲୋଡ଼ିଛନ୍ତି । ଏଥିମଧ୍ୟରୁ ୪୪ ହଜାର ୧୪୨ କୋଟି ଟଙ୍କାର ନଗଦ ବ୍ୟୟ ବରାଦ ପ୍ରସ୍ତାବ ରହିଛି । ଆଲୋଚନା ଆରମ୍ଭ କରି କଂଗ୍ରେସର କେ.ସି. ବେଣୁଗୋପାଳ କହିଥିଲେ,

ଗତ କିଛି ବର୍ଷ ମଧ୍ୟରେ ସୂଚନା ପ୍ରାଦ୍ୟୋଗିକି, ପରିବହନ, ଖୁଚୁରା ଏବଂ ବ୍ୟାଙ୍କିଙ୍ଗ୍ ଭଳି କ୍ଷେତ୍ରରେ ଯଥେଷ୍ଟ ମଜୁରୀବୃଦ୍ଧି ଘଟିନାହିଁ ଏବଂ ମୁଦ୍ରାସ୍ଫିତି ସହ ପନିପରିବା ଦର ମଧ୍ୟ ବୃଦ୍ଧି ପାଇଛି । ବିଜେପିର ଡକ୍ଟର ସଂଜୟ ଜୟସ୍ୱାଲ କହିଥିଲେ, ୨୦୨୪-୨୫ରେ ଦେଶର ଗରିବ ଓ କୃଷକଙ୍କୁ ପ୍ରାୟ ୪ଲକ୍ଷ ୫୦ ହଜାର ଟଙ୍କା ସବ୍‌ସିଡି ଆକାରରେ ଯୋଗାଇ ଦିଆଯାଇଛି ।

## ଏଲ୍‌ଏସ୍-ଇଏସ୍‌ଆଇ ହସ୍ପିଟାଲ୍

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ୯୭ଟି ନୂତନ ଇ.ଏସ୍.ଆଇ. ହସ୍ପିଟାଲ୍‌କୁ ଅନୁମୋଦନ ଦିଆଯାଇଛି । ଆଜି ଲୋକସଭାରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦ ଲାଜେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି, କର୍ମଚାରୀ ରାଜ୍ୟ ବିମା ନିଗମ ସମଗ୍ର ଦେଶରେ ୧୬୫ଟି ଇ.ଏସ୍.ଆଇ. ହସ୍ପିଟାଲ୍ ଏବଂ ୧ ହଜାର ୫୯୦ଟି ଡିସ୍‌ପେନ୍ସାରୀ ମାଧ୍ୟମରେ ବିମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପରିବାରକୁ ଚିକିତ୍ସା ସେବା ପ୍ରଦାନ କରାଯାଉଛି ।

# ବିଜୟ ଦିବସ ଗ୍ରୀଟିଙ୍ଗସ୍

୫୩ ତମ ବିଜୟ ଦିବସ ଅବସରରେ ଆଜି ଭାରତ ଏବଂ ବାଂଲାଦେଶର ସୁରକ୍ଷାବଳ ପକ୍ଷରୁ ତ୍ରିପୁରା ସ୍ଥିତ ଅଗରତାଲା-ଆଖୁଆରା ସୀମାରେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ କହିଛନ୍ତି, ଉଭୟ ପଟର ସୈନ୍ୟମାନେ  ପରସ୍ପରକୁ ୧୯୭୧ ମୁକ୍ତି ଯୁଦ୍ଧର ବାର୍ଷିକୀ ଅବସରରେ ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ମୁମ୍ବାଇର କୋଲାବା ମିଲେଟାରୀ ଷ୍ଟେସନ୍‌ରେ ସହିଦ ଯୋଦ୍ଧାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପାଇଁ ଏକ ଭବ୍ୟ ଶ୍ରଦ୍ଧାଞ୍ଜଳି ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ତିନି ସେନା ବାହିନୀର ବରିଷ୍ଠ ଅଧିକାରୀ ଏବଂ ଅବସରପ୍ରାପ୍ତ ଯବାନମାନେ ଯୋଗଦେଇଥିଲେ ।

# ଫ୍ରେଞ୍ଚ୍-ଆର୍ମେନିଆ ଡେଲିଗେସନ୍

ଆର୍‌ମେନିଆର ନ୍ୟାସନାଲ୍ ଆସେମ୍ବ୍ଲିର ଅଧ୍ୟକ୍ଷ ଆଲେନ୍ ସିମୋନିଆଙ୍କ ନେତୃତ୍ୱରେ ଏକ ସଂସଦୀୟ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି

ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭାରତ ଏବଂ ଆର୍‌ମେନିଆ ମଧ୍ୟରେ ଥିବା ସାଂସ୍କୃତି ସମ୍ପର୍କ ଓ ଘନିଷ୍ଠ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଆର୍‌ମେନିଆରେ ଦକ୍ଷତା ବୃଦ୍ଧି ନିମନ୍ତେ ଭାରତ ସହଭାଗିତା କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ରଖିଥିବା ରାଷ୍ଟ୍ରପତି ପ୍ରକାଶ କରିଥିଲେ ।